## ଅତିବଡ଼ୀ ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ର

# ‘ଭାଗବତ ଓଡ଼ିଆ ଜାତିର ଜୀବନ ବେଦ’

ଭୁବନେଶ୍ୱର,୬।୭(ସମିସ)



ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ହେଉଛି ଓଡ଼ିଆ ଅସ୍ମିତାର ଅନନ୍ୟ ପରିଚୟ। ସଂସ୍କୃତ ଭାଷାର ଅନୁସୃଜନ ହୋଇଥିଲେ ସୁଦ୍ଧା ଏହା ମୂଳ ଭାଗବତଠାରୁ ଅଧିକ ଲୋକପ୍ରିୟ। ଭାଗବତ ଓଡ଼ିଆ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବ ନାହିଁ। ସ୍ଥାନୀୟ ସଂସ୍କୃତି ଭବନ ସଭାଗୃହରେ କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଅତିବଡ଼ୀ ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଏହାକୁ ଉଦ୍‌ଘାଟନ ପୂର୍ବକ ଜଗନ୍ନାଥ ଦାସଙ୍କ ଓଡିଆ ଭାଗବତ ଏବଂ ଓଡିଆ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟ ଅକାଦେମିର ସଚିବ ଡ. କେ. ଶ୍ରୀନିବାସ ରାଓ ସ୍ୱାଗତ ଦେଇଥିବାବେଳେ ଡ. ଗୌରହରି ଦାସ ସଭାପତିତ୍ୱ କରିଥିଲେ। ସମାଲୋଚକ ଡ. ପ୍ରଦୀପ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରଫୁଲ୍ଲକୁମାର ମିଶ୍ର। ସାହିତ୍ୟିକ ଦାଶ ବେନହୁର ଭାଗବତ ଓ ଓଡ଼ିଆ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଜୟନ୍ତୀ ରଥ ଓଡ଼ିଆ ସାହିତ୍ୟରେ ଭାଗବତର ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ।